## ଉପ-ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଆଠମଲ୍ଲିକ

ସଂଖ୍ୟା ୨୨୭୨ ତା. ୧୩.୦୫.୨୦୨୧

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜିଲ୍ଲା କାର୍ଯ୍ୟାଳୟ ର ଜ୍ଞାପକ ସଂଖ୍ୟା ୭୧୨/ ଜରୁରୀ ବିଭାଗ ତା. ୨୯.୦୪.୨୦୨୧ ରିଖ ଅନୁଯାୟୀ ଆଠମଲ୍ଲିକ ତହସିଲରେ ତିନି ଜଣ ଅସ୍ଥାୟୀ ଲଂଚ ଚାଳକ ଓ ଜଣେ ଖଲାସୀ ଚଳିତ ୦୧.୦୬.୨୦୨୧ ଠାରୁ ୩୦.୧୧.୨୦୨୧ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ନିଯୁକ୍ତି ପ୍ରଦାନ କରାଯିବ । ୦୩-ଅସ୍ଥାୟୀ ଲଂଚ ଚାଳକ ମାନଙ୍କର ମାସିକ ପାରିଶ୍ରମିକ ପ୍ରତ୍ୟେକ ଙ୍କୁ ଟ ୮,୮୮୦/- ହିସାବର (Consolidated)ଓ ୦୧-ଖଲାସୀର ମାସିକ ପାରିଶ୍ରମିକ ଟ. ୮,୦୭୦/-(Consolidated )ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ପାରିଶ୍ରମିକ ତହସିଲଦାର, ଆଠମଲ୍ଲିକଙ୍କ ଦ୍ୱାର ପ୍ରଦାନ କରାଯିବ ।

ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ ତାଙ୍କର ସମସ୍ତ ପୂର୍ବ ଅଭିଜ୍ଞତା, ସଂପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରୀ ପ୍ରମାଣ ପତ୍ର, ଯେ କୌଣସି ନଦୀ, କେନାଲ, ନାଳରେ ୨୦୦ ମିଟର ୨୦ ମିନିଟ୍ ରେ ପହଁରା କରିପାରୁଥିବାର ଘୋଷଣା ପତ୍ର ଓ ଅନ୍ତତଃ ପକ୍ଷେ ୨ୟ ଶ୍ରେଣୀ ଲଂଚ ଡ୍ରାଇଭିଙ୍ଗ ସାର୍ଟିଫିକେଟ ସହ, ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା ୨୪.୦୫.୨୦୨୧ ରିଖ ଦିବା ୧ ଘଟିକା ସୁଦ୍ଧା ଦରଖାସ୍ତ କରିପାରିବେ । ପ୍ରାପ୍ତ ଦରଖାସ୍ତ ଉପରେ ତା.୨୬.୦୫.୨୦୨୧ ରିଖ ଦିବା ୧୧ ଘଟିକା ରେ ସ୍ଥାନୀୟ ତହସିଲଦାର,ଆଠମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ, ଅଗ୍ନିଶମ ଅଧିକାରୀ, ଆଠମଲ୍ଲିକ ଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀ ସିଦ୍ଧାନ୍ତ ନେବେ ।

ଉପ-ଜିଲ୍ଲାପାଳ, ଆଠମଲ୍ଲିକ

ପରିପତ୍ର ସଂଖ୍ୟା ୨୨୭୩ ତାରିଖ ୧୩.୦୫.୨୦୨୧

ଏହାର ନକଲ ତହସିଲଦାର, ଆଠମଲ୍ଲିକ/କିଶୋରନଗର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ/ କିଶୋରନଗର, ନିର୍ବାହୀ ଅଧିକାରୀ, ଆଠମଲ୍ଲିକ, ଏନ.ଏ.ସି, ଆଠମଲ୍ଲିକ/ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ, ଅନୁଗୋଳ ଓ ସୂଚନା ଲୋକସଂପର୍କ ଅଧିକାରୀ, ଆଠମଲ୍ଲିକ ଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ଉପ-ଜିଲ୍ଲପାଳ ଙ୍କ ଅଫିସ ନୋଟିସ ବୋର୍ଡରେ ଦିଆଗଲା ।

ଉପ-ଜିଲ୍ଲାପାଳ, ଆଠମଲ୍ଲିକ

ପରିପତ୍ର ସଂଖ୍ୟା ୨୨୭୮ ତାରିଖ ୧୩.୦୫.୨୦୨୧

ଏହାର ନକଲ ତହସିଲଦାର, ଆଠମଲ୍ଲିକ/କିଶୋରନଗର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠମଲ୍ଲିକ/ ଅଗ୍ନିଶମ ଅଧିକାରୀ, ଆଠମଲ୍ଲିକ ଙ୍କ ଅବଗତି ତଥା ତା.୨୬.୦୫.୨୦୨୧ ରିଖ ଦିବା ୯.୦୦ ଘଟିକା ସମୟରେ ଉପସ୍ଥିତ ପାଇଁ ଅନୁରୋଧ କରାଗଲା ।

ଉପ-ଜିଲ୍ଲାପାଳ, ଆଠମଲ୍ଲିକ

ପରିପତ୍ର ସଂଖ୍ୟା ୨୨୭୬ ତାରିଖ ୧୩.୦୫.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

ଉପ-ଜିଲ୍ଲାପାଳ, ଆଠମଲ୍ଲିକ